ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# ODISHA STATE SCHOLARSHIP PORTAL

ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅନଲାଇନ୍ ରେ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜିକରଣ ଏବଂ ନବୀକରଣ ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ ମାଧ୍ୟମରେ (ODISHA STATE SCHOLARSHIP PORTAL) ଆହ୍ୱାନ କରାଯାଉଛି । ନୂତନ ଭାବରେ ପଞ୍ଜିକରଣ ନିମନ୍ତେ ଛାତ୍ରଛାତ୍ରୀ ମାନେ ନିଜର ଆଧାର ସହିତ ଆବେଦନ କରିବେ ଏବଂ ଏଥିପାଇଁ ତାଙ୍କର registered mobile କୁ OTP ଆସିବ ଏବଂ ତାହାପରେ ଆବେଦନକାରୀ ଙ୍କର ସପକ୍ଷରେ ନୂତନ ID ସୃଷ୍ଟି ହେବ | ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଦିଆଯାଇଥିବା URL **http://www.scholarship.odisha.gov.in** ରେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ପଞ୍ଜୀକରଣ ଏବଂ ନବୀକରଣ (ନୂତନ ପାଠ୍ୟକ୍ରମରେ) କରିପାରିବେ ।

ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।

| ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ କରିବାର ସମୟ ସାରଣୀ | | |
|---|---|---|
| କ୍ର.ନଂ | କାର୍ଯ୍ୟ କ୍ରମ | ତାରିଖ |
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୧୫. ୧୧. ୨୦୨୩ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୨୦.୧୨. ୨୦୨୩ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୨୦.୦୧. ୨୦୨୪ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧. ୦୧. ୨୦୨୪ |

**ବିଶେଷ ଦ୍ରଷ୍ଟବ୍ୟ:-** (i)ମାଟ୍ରିକପରବର୍ତ୍ତୀ ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରଦାନ କରିବା ନିତ୍ୟାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପୋର୍ଟାଲର ନିର୍ଧାରିତ box ରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ । ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବର ଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ (Ref: Dept Notification No:10744 dt 26.06.2019) ।

(ii) ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ,ଏହି ଯୋଜନା ଅଧୀନରେ କେବଳ ଆଧାର ଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ। ତେଣୁ, ଆବେଦନକାରୀ ମାନେ ନିଶ୍ଚିତ କରିବା ଉଚିତ ଯେ ନିଜର ଆଧାର ସହିତ ସେମାନଙ୍କର ନିଜର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ ହୋଇଛି। ବ୍ୟାଙ୍କ ଆକାଉଣ୍ଟକୁ ଆଧାର ନମ୍ବର ସହିତ ଲିଙ୍କ କରିବା ପାଇଁ ନିଜର ବ୍ୟାଙ୍କଶାଖା ପରିଦର୍ଶନ କରନ୍ତୁ ଏବଂDBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମ ଦାଖଲ କରନ୍ତୁ । https://resident.uidai.gov.in/bank-mapper URL ରେ NPCI ମ୍ୟାପରରେ ଆପଣଙ୍କର ଆଧାର ନମ୍ବର ସହିତ କେଉଁ ବ୍ୟାଙ୍କ ଲିଙ୍କ ହୋଇଛି ତାହା ଆପଣ ଯାଞ୍ଚ କରିପାରିବେ|

(iii) ଛାତ୍ରବୃତ୍ତିର ଏକ ଛୋଟ ଅଂଶ (କେବଳ ହୋଷ୍ଟେଲର୍ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ଟପ୍-ଅପ୍ ରାଶି) ଆବେଦନରେ ପ୍ରଦତ୍ତ ବ୍ୟାଙ୍କ-ଆକାଉଣ୍ଟରେ ପ୍ରଦାନ କରାଯିବ | ଆବେଦନକାରୀ ମାନେ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର,IFSC Code, ଶାଖା ନାମ ଇତ୍ୟାଦି ପୋର୍ଟାଲରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ

ଆବେଦନକାରୀ ଦାୟୀ ରହିବେ।

**ଉଭୟ ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶଗୁଡିକ ଅନୁସରଣ କରିବାକୁ ଅନୁରୋଧ :**

- ୨୦୨୩-୨୪ ବର୍ଷ ଠାରୁ, ଯେଉଁ ଛାତ୍ରଛାତ୍ରୀମାନେ (ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ) ରାଜ୍ୟ ବାହାରେ ସରକାରୀ ଅନୁଷ୍ଠାନରେ ପଢୁଛନ୍ତି , କେବଳ ସେମାନେ ହିଁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ।
- ଛାତ୍ରଛାତ୍ରୀମାନେ ନୂତନ ପଞ୍ଜୀକରଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ODISHA STATE SCHOLARSHIP PORTAL ରେ "HOW TO APPLY" ବିଭାଗରେ ଜାଣିପାରିବେ।
- OTP ମାଧ୍ୟମରେ ଆଧାର ପ୍ରାମାଣିକରଣ ହୋଇ ID ସୃଷ୍ଟି ହେବ, ତେଣୁ ଛାତ୍ରଛାତ୍ରୀମାନେ OTP ପାଇବା ପାଇଁ ସେମାନଙ୍କ ଆଧାର ନିଜର ସକ୍ରିୟ ଥିବା ମୋବାଇଲ୍ ନମ୍ବର ସହିତ ସଂଯୁକ୍ତ ହୋଇଥିବା ଆବଶ୍ୟକ ।
- ଆବେଦନକାରୀର ସମ୍ପୂର୍ଣ୍ଣ ସୂଚନା ଯଥା ନାମ, ଲିଙ୍ଗ, ଜନ୍ମତାରିଖ (DOB) , AADHAAR ରୁ ଅଣାଯିବ ଏବଂ ଏହା ଅପରିବର୍ତ୍ତିତ ରହିବ | ଆବେଦନ କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର AADHAAR ରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୂକ୍ତକରି) ସଠିକ ନିଶ୍ଚିତ କରିବେ ।
- ନବୀକରଣ (ନୂତନ ପାଠ୍ୟକ୍ରମରେ) କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ବେସିକ ପ୍ରୋଫାଇଲ ପେଜରେ AADHAAR ନମ୍ବର ପାର୍ଶ୍ୱରେ ଥିବା "VERIFY" ବଟନ୍ ଉପରେ କ୍ଲିକ କରିବେ | AADHAAR ରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ OTP ଯିବ ଏବଂ ସେହି OTP ପୋର୍ଟାଲରେ ଦେବାପରେ , ଯଦି AADHAAR ରେ କୌଣସି ପରିବର୍ତ୍ତନ (ନାମ/DOB/ଲିଙ୍ଗ) କରାଯାଇଥାଏ, ତାହା ପୋର୍ଟାଲରେ ସ୍ଥାନିତ ହୋଇଯିବ| ଯଦି କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆଧାର ଡାଟାବେସ୍ରୁ ଭୁଲ ସୂଚନା ପୋର୍ଟାଲକୁ ଆସୁଛି , ତେବେ ଆଗକୁ ନ ବଢି କିଛି ସମୟ ପରେ ପୁନଃ ଚେଷ୍ଟା କରନ୍ତୁ |
- ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ, ଜନଜାତି ନାମ ଏବଂParticularly Vulnerable Tribal Group (PVTG) ସମ୍ପର୍କୀୟ ଅତିରିକ୍ତ ସୂଚନା ପ୍ରଦାନ କରନ୍ତୁ। ଆବେଦନ କରିବା ସମୟରେ ବେସିକ ପ୍ରୋଫାଇଲ ପେଜରେ ଡ୍ରପ ଡାଉନ ତାଲିକାରେ ଦିଆଯାଇଥିବା ୧୩ଟି ଗୋଷ୍ଠୀ ତାଲିକା ମଧ୍ୟରୁ ସଠିକ ବିକଳ୍ପ ଚୟନ କରନ୍ତୁ ଏବଂ ଏ ସୂଚନାକୁ ନେଇ କିଛି ଦ୍ୱନ୍ଦ ଥିଲେ ଦୟାକରି ଆପଣଙ୍କର ଜାତି ପ୍ରମାଣପତ୍ରକୁ ଅନୁସରଣ କରନ୍ତୁ। ଯଦି ଛାତ୍ରଛାତ୍ରୀ ନିଜର ଗୋଷ୍ଠୀ ବିଷୟରେ ଅବଗତ ନାହାନ୍ତି ସେମାନେ ନିଜର ପିତାମାତାଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ଗ୍ରହଣ କରି ଏହା ପୂରଣ କରି ପାରିବେ । ଯଦି ଆପଣ PVTG ଗୋଷ୍ଠୀ ଅନ୍ତର୍ଭୁକ୍ତ ନାହାନ୍ତି, ତେବେ "NO" ଚୟନ କରନ୍ତୁ।
- ଛାତ୍ରଛାତ୍ରୀମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀ ମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମେଟ୍ରିକ, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସତର୍କତାର ସହିତ ପୋର୍ଟାଲରେ ପୂରଣ କରିବେ | ତଥାପି, ଯଦି ଆବଶ୍ୟକତା ଥାଏ ତେବେ DWO ଆବେଦନକାରୀଙ୍କ ଠାରୁ ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗି ପାରିବେ | ଅନୁଷ୍ଠାନ / DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ|
- ଯଦି ଆବଶ୍ୟକତା ଥାଏ, DWO ଅନୁଷ୍ଠାନ ଦ୍ୱାରା ଅନୁମୋଦିତ ଆବେଦନ ତାଲିକାରେ ତାଙ୍କ ମୁଖ୍ୟଙ୍କ ଦସ୍ତଖତ ହୋଇଥିବା ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗି ପାରିବେ। ଅନୁମୋଦିତ ହୋଇଥିବା ଆବେଦନର ତାଲିକା / ସାରାଂଶ ତାଲିକା ସେମାନଙ୍କ ଲଗ-ଇନ ପେଜରେ ପ୍ରିଣ୍ଟ କରିବା ପାଇଁ ଦିଆଯାଇଛି ।
- ଛାତ୍ରଛାତ୍ରୀମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲରୁ ଜାତି ଏବଂ ଆୟ ପ୍ରମାଣପତ୍ର ପ୍ରାପ୍ତ କରି ତାହାକୁ ପୋର୍ଟାଲ ରେ upload କରିବେ ।
- ନୂତନ ପଞ୍ଜୀକରଣ କରୁଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ୍ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଏବଂ ପ୍ରମାଣପତ୍ର / ମାର୍କ-ସିଟ୍ ପୋର୍ଟାଲର ସମ୍ପୃକ୍ତ ବିଭାଗରେ ଅପଲୋଡ୍ କରିବେ | ନୂତନ ପାଠ୍ୟକ୍ରମରେ ନବୀକରଣ କରୁଥିବା ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାର ମାର୍କ୍ସ Academic Details ବିଭାଗରେ ପ୍ରଦାନ କରିବେ ।
- ଆବେଦନ ସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏକ ସକ୍ରିୟ ମୋବାଇଲ ନମ୍ବର (ବିଶେଷତଃ whatsapp ନମ୍ବର) ପୋର୍ଟାଲରେ ପ୍ରଦାନ କରିବା ଆବଶ୍ୟକ | ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ମୋବାଇଲ ନମ୍ବର କେବଳ ଗୋଟିଏ ଆବେଦନରେ ହିଁ ବ୍ୟବହାର କରାଯାଇପାରିବ।
- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ID ଏବଂ password ଗୋପନୀୟ ରଖିବାକୁ ଅନୁରୋଧ | ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣାଇଲେ କିମ୍ବା ହସ୍ତାନ୍ତର କଲେ, ଯଦି ବୃତ୍ତି ରାଶିରେ କୌଣସିଭୁଲ ପଇଠ ହୁଏ ବା କୌଣସି ପ୍ରକାରର କାରସାଦି

ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।

- ଅନୁଷ୍ଠାନ / DWO ମାନେ ଶେଷ ତାରିଖକୁ ଅପେକ୍ଷା ନକରି ଆବେଦନ ପାଇବାର ୭ ଦିନ ମଧ୍ୟରେ ନିଜର ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି |

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# GOVERNMENT OF ODISHA
# ST & SC DEVELOPMENT AND MINORITY & OTHER BACKWARD CLASS WELFARE DEPARTMENT

## ODISHASTATE SCHOLARSHIP PORTAL

**FRESH (New Registration) & RENEWAL IN NEW COURSE applications of Post-Matric scholarship for eligible ST,SC, OBC/SEBC & EBC students studying inside /outside state for the year 2023-24 is being invited in ODISHA STATE SCHOLARSHIP PORTAL. NEW IDs will be generated based on AADHAAR authentication through OTP for such applications. All eligible students are therefore, requested to apply/renew for Post-Matric Scholarship by visiting URL http://www.scholarship.odisha.gov.in.**

### Eligibility Criteria for Post Matric Scholarship Scheme: -

- Student shall belong to ST, SC, OBC/SEBC, EBC community and should be a permanent resident of Odisha.
- The students should continue their Post Matriculation Studies in any general/technical or professional courses in any Government or Government recognized Private institutes.
- The annual family income of the parent/guardian from all sources should not exceed Rs.2,50,000/- (Two Lakh Fifty Thousand)
- In case of OBC/ SEBC and EBC students, scholarship award will be subject to at least 50% marks in last qualifying exam.

### Scheduled Time line for Online Application

| Sl. | Activities | Renewal & Fresh |
|---|---|---|
| 1 | Opening Date of **Online Applications for students** | **15.11.2023** |
| 2 | Closing date for **submission of Online Applications by students.** | **20.12.2023** |
| 3 | Last date for **scrutiny & forwarding of Online Applications by Institutes.** | **20.01.2024** |
| 4 | Last date for **online sanction of Applications by the DWO concerned.** | **31.01.2024** |

***NB.:- (i) Aadhaar is made mandatory for availing Scholarship. Please provide correct Aadhaar number of self in the Online Application Form. In case it is found that Aadhaar number provided by the student is wrong or is not his/her, the application is liable to be rejected.(Ref:Dept Notification No:10744 dt26.06.2019)***

***(ii) As per Govt. of India stipulations, payment of scholarship amount will be made ONLY in Aadhaar seeded bank-account. Therefore, applicants must ensure that their bank-account is seeded with the Aadhaar number. To seed bank account with Aadhaar number, one should visit the bank branch and submit a "Bank consent form for receiving DBT". One can check which bank is seeded to one's Aadhaar number on NPCI mapper by visiting https://resident.uidai.gov.in/bank-mapper.***

***(iii) A small portion of scholarship (top-up amount in case hosteller students) will be provided in the bank-account details provided in the application. Therefore be very careful in providing account number and IFSC in on-line application. In case any mis-credit of amount happens due to wrong entry or manipulation for sharing of user id & password with others, Department will not be held responsible and student will be solely held responsible.***

### *Candidates belonging to both INSIDE STATE and OUTSIDE STATE categories shall follow the instructions given below:*

- From the year 2023-24, **outside state** students (Fresh & Renewal in new course) will be covered under the scheme only if studying in **government institutions**.
- Students are advised to visit the URL given above and click on HOW TO APPLY button to know the complete procedure of Online Registration in Odisha State Scholarship Portal.
- Login ID would be generated on OTP based Aadhaar authentication, therefore students must ensure that their Aadhaar is linked with an operational mobile number to receive OTP and provide the same in scholarship portal for successful registration.

- Basic details i.e. Name, Gender, Date of Birth will be fetched from the AADHAAR and will be non-editable. Therefore, before registration, students are advised to ensure that these details are correct in their AADHAAR (including spelling of the name & surname).
- All renewal students are advised to click on "VERIFY" button showing against AADHAAR mandatorily in their basic profile page to update any changes made in Aadhaar in the portal. In case, any variation/ wrong information fetched from Aadhaar database for any technical glitch, do not proceed further and re-visit the portal after sometime.
- In case of ST students, additional information is sought on the tribe name and whether belong to Particularly Vulnerable Tribal Group (PVTG). Please refer your caste certificate properly to choose the correct tribe name from the drop down list. In case the applicant is not sure/confused about his/her Particularly Vulnerable Tribal Group (PVTG) category, he/she may please check the same with your parent/ grand parents for ascertaining the category/community of Particularly Vulnerable Tribal Groups provided in dropdown in Portal to ascertain if you belong to any of them. If not, please select option as NO.
- Students are advised not to submit hard copy of application and other required documents to concerned institution. Therefore, at the time of filling details of income, caste, matric roll no, bank accounts etc., students are requested to fill it cautiously and upload correct, valid & legible certificates in the portal for verification. Any mismatch found during scrutiny process at institution/DWO level will lead to rejection of application. However, in case of any requirement, DWO may seek hard-copies of application and other required documentsfrom student/ institution.
- In case of any requirement, DWO may ask institutionsfor ink-signed summary/application list of final approved applications downloadable in institution login.
- Students applying for the first time or renewing in new course need to obtain caste and fresh income certificate through e-district portal of Odisha and upload in the application.
- Students are required to provide details of all educational qualifications received till date starting from matriculation in concerned section and upload the certificate/ mark-sheet of the same. When you are Re-newing in New course, do not forget to add the details of most recent qualification attained from completion of the course in last academic year.
- Students must provide an operative, active & unique mobile number (preferably having whatsapp linked number) to receive important messages regarding application status. As per GoI stipulation, one mobile number can be used against only one application.
- Students are advised to keep their Unique ID& Password confidential. In case of any mis-credit/manipulation happens due to sharing of user id & password with others, student will be solely held responsible.
- Institutes/DWOs are instructed to process the online application within 7 days of receipt of application in their login and forward the same to next level for further action without waiting till last date of application/ processing.

**Director ST**
**ST & SC Dev. M& BCW Department**